# ଏମ୍‌କେସିଜିରେ ପ୍ରଥମ ଲେଜର ଚିକିତ୍ସା

## ମହିଳାଙ୍କ କିଡ୍‌ନୀରୁ ବାହାରିଲା ଷ୍ଟୋନ୍

**ବ୍ରହ୍ମପୁର ଅଫିସ,୫।୪**

ଦକ୍ଷିଣ ଓଡ଼ିଶାର ପ୍ରମୁଖ ହସ୍ପିଟାଲ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ପ୍ରଥମ ଥର ପାଇଁ ଲେଜର ଚିକିତ୍ସା ଆରମ୍ଭ ହୋଇଛି। ମୂତ୍ରାଶୟ ରୋଗ ବିଭାଗର ଡାକ୍ତରମାନେ ବିନା ଅସ୍ତ୍ରୋପଚାରରେ ଜଣେ ମହିଳାଙ୍କ କିଡ୍‌ନୀରୁ ଷ୍ଟୋନ୍ (ପଥର) ବାହାର କରିବାରେ ସଫଳ ହୋଇଛନ୍ତି। ପୂର୍ବରୁ ମୂତ୍ରାଶୟ ରୋଗ ବିଭାଗ ପୁରୁଣା ଆନ୍ତଃ ବିଭାଗ କୋଠାରେ ରହିଥିଲା। ହେଲେ ଭିତ୍ତିଭୂମି ଓ ଯନ୍ତ୍ରପାତି ଅଭାବରୁ ରୋଗୀମାନେ ଠିକ୍ ଚିକିତ୍ସା ସେବା ପାଇପାରୁନଥିଲେ। ସୁପର ସ୍ପେସିଆଲିଟି କୋଠା କାର୍ଯ୍ୟକ୍ଷମ ହେବା ପରେ ନେଫ୍ରୋଲୋଜି ବିଭାଗ ଭଳି ମୂତ୍ରାଶୟ ବିଭାଗ ମଧ୍ୟ ସ୍ଥାନାନ୍ତର ହୋଇଥିଲା। ବର୍ତ୍ତମାନ ସେଠାରେ ଅତ୍ୟାଧୁନିକ ଶଯ୍ୟା ସହ ଆବଶ୍ୟକ ସମସ୍ତ ପ୍ରକାର ଯନ୍ତ୍ରପାତି ଉପଲବ୍ଧ ରହିଛି । ଏପରିକି ଭୁବନେଶ୍ୱର ଏମ୍ସକୁ ବାଦ୍ ଦେଲେ ଏମ୍‌କେସିଜି ଦ୍ୱିତୀୟ ଭେଷଜ ମହାବିଦ୍ୟାଳୟ ଭାବେ ଏହି ବିଭାଗରେ ୧୦୦ ୱାର୍ଡ ବିଶିଷ୍ଟ ଲେଜର ଚିକିତ୍ସା ମେଶିନ ଉପଲବ୍ଧ କରାଯାଇଛି। କିଡ୍‌ନୀରେ ପଥର ଜମିଥିବାରୁ କିଛି ଦିନ ତଳେ ସୋରଡ଼ା ଅଞ୍ଚଳର ଜଣେ ୫୦ ବର୍ଷୀୟା ମହିଳା ମୂତ୍ରାଶୟ ରୋଗ ବିଭାଗରେ ଭର୍ତ୍ତି ହୋଇଥିଲେ । ଆଉ ପ୍ରଥମ ଥର ପାଇଁ ଲେଜର ଚିକିତ୍ସା ପଦ୍ଧତି ଜରିଆରେ ସେହି ମହିଳାଙ୍କ କିଡ୍‌ନୀରୁ ପଥର ବାହାର କରିବାକୁ ଯୋଜନା ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ଜି.ପି. ସିଂହ ଓ ସହଯୋଗୀ ପ୍ରଫେସର ବେଣୁ ପାଣିଗ୍ରାହୀ ଓ ତାଙ୍କ ଟିମ ମହିଳାଙ୍କ ଶରୀରରେ କୌଣସି ସ୍ଥାନକୁ ନ କାଟି ଏଣ୍ଡୋସ୍କୋପିକ ମାଧ୍ୟମରେ ଲେଜର ଚିକିତ୍ସା ପଦ୍ଧତିରେ କିଡ୍‌ନୀରୁ ପଥର ବାହାର କରିବାରେ ସଫଳ ହୋଇଥିଲେ। ଏହାର ଗୋଟିଏ ଦିନ ପରେ ମହିଳାଙ୍କୁ ଡାକ୍ତରଖାନାରୁ ଘରକୁ ଛାଡି ଦିଆଯାଇଥିଲା। ପୂର୍ବରୁ କିଡ୍‌ନୀରୁ ଷ୍ଟୋନ ବାହାର କରିବାକୁ ହେଲେ ରୋଗୀଙ୍କୁ ଅସ୍ତ୍ରୋପଚାର କରିବାକୁ ପଡୁଥିଲା ଓ ରୋଗୀଙ୍କୁ ଡାକ୍ତରଖାନାରେ ୭ ଦିନରୁ ଅଧିକ ସମୟ ରହିବାକୁ ପଡୁଥିଲା। ହେଲେ ବର୍ତ୍ତମାନ ଗୋଟିଏ ଦିନରେ ହିଁ ରୋଗୀ ସୁସ୍ଥ ହୋଇ ଘରକୁ ଫେରିପାରିବେ ବୋଲି ଡା. ପାଣିଗ୍ରାହୀ କହିଛନ୍ତି । ସେହିପରି ଅସ୍ତ୍ରୋପଚାର କରାଯାଉନଥିବାରୁ ରୋଗୀଙ୍କୁ କମ କଷ୍ଟ ଅନୁଭବ ହେବା ସହ ସେମାନଙ୍କ ସମୟ ଅପଚୟ ହେବ ନାହିଁ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଗାଁରେ ଯବାନଙ୍କ ଅନ୍ତିମ ସଂସ୍କାର

ଛତ୍ରପୁର,୫।୪(ଡି.ଏନ.ଏ.):ଆନ୍ଧ୍ରପ୍ରଦେଶର ସିକନ୍ଦରାବାଦରେ ସେନା ବାହିନୀରେ କାମ କରୁଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଭିକାରିପଲ୍ଲୀ ପଞ୍ଚାୟତ ବ୍ରାହ୍ମଣିଆପଲ୍ଲୀ ଗାଁର ଜି .ଆଡିଆଡା ପାତ୍ରଙ୍କ ଗତ ୩ ତାରିଖରେ ହୃଦଘାତରେ ମୃତ୍ୟୁ ହୋଇଥିଲା । ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଥିଲା। ମଙ୍ଗଳବାର ମୃତଦେହ ବ୍ରାହ୍ମଣିଆପଲ୍ଲୀକୁ ଆସିବା ପରେ ଶ୍ମଶାନରେ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଥିଲା। ସ୍ତ୍ରୀ ଜି. ଗୀତାଞ୍ଜଳିଙ୍କୁ ଆଡିଆଡ଼ାଙ୍କ ଉପରେ ପଡିଥିବା ଜାତୀୟ ପତାକା ଓ ଡ୍ରେସ ହସ୍ତାନ୍ତର କରାଯାଇଥିଲା। ତାଙ୍କର ଦୁଇ ଝିଅ, ଗୋଟିଏ ପୁଅ ଅଛନ୍ତି। ସିକନ୍ଦରାବାଦର ନାଏବ ସୁବେଦାର ଦୁର୍ଯ୍ୟଧାନ ଗୌଡ଼, ଭାରତୀୟ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ଉପସଭାପତି ବି.ଶଙ୍କର ରେଡ୍ଡୀ, ଆର. ତ୍ରିନାଥ ରେଡ୍ଡୀଙ୍କ ସମେତ ଗୋଳାବନ୍ଧ ଆର୍ମି ଏଡି କଲେଜର ଯବାନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଜଳଛତ୍ର ଖୋଲିଲା

ବଲସକୁମ୍ପା,୫।୪:ଏପ୍ରିଲ ମାସ ଆରମ୍ଭରୁ ତାପମାତ୍ରା ବଢ଼ିବାରେ ଲାଗିଛି। ଦିନ ୧୦ ଟାରୁ ବାହାରକୁ ବାହାରିବା ମୁସ୍କିଲ ହୋଇପଡୁଛି। ଏହି ପରିପ୍ରେକ୍ଷୀରେ ଗ୍ରୀଷ୍ମ ଦିନର ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ପଥିକମାନଙ୍କ ନିମନ୍ତେ ସ୍ଥାନେ ସ୍ଥାନେ ପଞ୍ଚାୟତଗୁଡ଼ିକ ତରଫରୁ ଜଳଛତ୍ର ଖୋଲାଯାଇଛି। ଯାତ୍ରୀମାନଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଛି। ଏବେ ଗ୍ରୀଷ୍ମ ତାପମାତ୍ରା ବଢ଼ି ମୁଣ୍ଡ ଫଟା ଖରା ହେଉଥିବା ଯୋଗୁ ବର୍ତ୍ତମାନ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଗୁଡିକରେ ଜଳଛତ୍ର ଖୋଲା ଯାଇଛି। ଯାହାଦ୍ୱାରା ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ପିଇବା ପାଣି ଟୋପାଏ ପାଇଁ ତହଳ ବିକଳ ହେବେ ନାହିଁ। ତେଣୁ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ ପ୍ରଶାସନକୁ ଯାତ୍ରୀମାନେ କୃତଜ୍ଞତା ଜଣାଇଛନ୍ତି।

### ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ୨ ଗିରଫ

ବଲସକୁମ୍ପା,୫।୪(ଡି.ଏନ୍.ଏ.)-ଖଜୁରିପଡା ବ୍ଲକ ଅନ୍ତର୍ଗତ ବଲସ କୁମ୍ପା ସଂରକ୍ଷିତ ଜଙ୍ଗଲ ଅଧିନ ଗେଡ୍ରିପାଜୁ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବନ ବିଭାଗ ମଙ୍ଗଳବାର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଜୁରିପଡା ଥାନା ଅନ୍ତର୍ଗତ ସିକେରିଖୋଲ ଗ୍ରାମର ଦୟାନିଧି କହଁର (୫୮), ଆଡାସିପଡା ଗ୍ରାମ ପଞ୍ଚାୟତର ଡମପିଡ଼ିଆ ଗ୍ରାମର ସୁବଳ କହଁର (୩୨)। ବିସିପଡା ସେକ୍ସନ ଫରେଷ୍ଟର ଆସିକ ଦିଗାଲ, ବଲସ କୁମ୍ପା ଫରେଷ୍ଟ ଗାର୍ଡ ପୁଷ୍ପାଞ୍ଜଳି ପାତ୍ରୀ, ବିସିପଡା ଫରେଷ୍ଟ ଗାର୍ଡ ସୂର୍ଯ୍ୟକାନ୍ତି ବେହେରା, ଫାୟାର ସ୍କ୍ୱାଡ ଅଜିତ କୁମାର ଦଳବେହେରା ଏବଂ ପ୍ଲାଣ୍ଟେସନ ୱାଚର ଚୈତନ୍ୟ ଭୋଇ ପାଟ୍ରୋଲିଂ କରୁଥିବା ବେଳେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପୋଲସରା, ୫।୪(ଡି.ଏନ.ଏ.)-ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତର ବଘାଡି ଗ୍ରାମରେ ଜଣେ ଯୁବକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ବଘାଡି ଗ୍ରାମର ଦାଶରଥି ସାହୁ (୨୭)। ଦାଶରଥି ସକାଳେ ପୋଖରୀକୁ ଗାଧୋଇବା ପାଇଁ ଆସି ପାଣିରେ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ଦାଶରଥିଙ୍କୁ ପାଣିରୁ ଉଦ୍ଧାର କରାଯାଇ ପୋଲସରା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦାଶରଥିଙ୍କୁ ମୃତ ଘୋଷଣା କରିଥିଲେ। ପୋଲସରା ଥାନା ଏସ୍‌ଆଇ ପୋଲସରା ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡ଼ିକାଲକୁ ପଠାଇଥିଲେ। ଏ ନେଇ ପୋଲସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ଏନ୍‌ଏସି ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ପୁରୁଷୋତ୍ତମପୁର,୫।୪(ଡି.ଏନ.ଏ.)-ପୁରୁଷୋତ୍ତମପୁର ଏନ୍‌ଏସିର ନବ ନିର୍ବାଚିତ ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ତଥା ନବନିର୍ବାଚିତ କାଉନସିଲର ଅଶୋକ କୁମାର ମହାଙ୍କୁଡଙ୍କୁ ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ ଏହି ଦମ୍ପତି ବିଜେଡିର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଭାବେ ରହିଥିବା ବେଳେ ତାଙ୍କୁ ଦଳ ଟିକେଟ୍ ନଦେବା ହେତୁ ଉଭୟେ ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ଓ ଶେଷରେ ବିଜୟୀ ମଧ୍ୟ ହୋଇଥିଲେ।

# ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୫।୪**

ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏଶନ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଦୁଇଦିନିଆ ୧୯ ତମ ରାଜ୍ୟସ୍ତରୀୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଓଡ଼ିଶା ୨୦୨୧-୨୨ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଚଳିତ ମାସ ୨ ଓ ୩ ତାରିଖରେ ବଲାଙ୍ଗୀର ଜିଲା କୋଶଲା କଳା ମଣ୍ଡପଠାରେ ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ଆମେଚର ବଡ଼ି ବିଲ୍ଡିଂ ସଂଘ ପକ୍ଷରୁ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ ପୂର୍ବକ ବିରଜା ପ୍ରସାଦ ଦାଶ ୮୫ କେଜି ବର୍ଗରେ ସ୍ୱର୍ଣ୍ଣ, ସାର୍ଥକ ମହାନ୍ତି ୯୦ କେଜି ବର୍ଗରେ ରୌପ୍ୟ ଓ ଜ୍ୟୋତି ରଞ୍ଜନ ପ୍ରଧାନ ୭୫ କେଜି ବର୍ଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଏହା ସମେତ ପ୍ରତିଯୋଗୀ ସତ୍ୟ ନାରାୟଣ ସାହୁ ୮୦ କେଜି ବର୍ଗରେ ୪ର୍ଥ ଓ ଜିତେଶ କୁମାର ଦାସ ୭୦ କେଜି ବର୍ଗରେ ୫ମ ସ୍ଥାନ ଅଧିକାର କରିଛନ୍ତି। ମେନ ଫିଜିକ୍ ସ୍ପୋର୍ଟ୍ସରେ ପ୍ରତିଯୋଗୀ ଜଗା ସେନାପତି ମଧ୍ୟ ୫ମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗୀଙ୍କ ଏହି ସଫଳତାରେ ଜିଲା ଆମେଚର ବଡ଼ି ବିଲ୍ଡିଂ ସଂଘ ପକ୍ଷରୁ ସମ୍ପାଦକ ତଥା କୋଚ ଏସ୍.ରାଜେଶ ବାବୁ ଆଚାରୀ ଓ ଅନ୍ୟମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ବିରଜା ପ୍ରସାଦ ଦାଶ ।


ସାର୍ଥକ ମହାନ୍ତି ।

- ଗଞ୍ଜାମ ପ୍ରତିଯୋଗୀଙ୍କ ସଫଳତା
- ବିରଜାଙ୍କୁ ସ୍ୱର୍ଣ୍ଣ

# ୯ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

## ୬ ଗିରଫ, ୨ କାର୍ ଜବତ

**ଖୋର୍ଦ୍ଧା ଅଫିସ/ ନିରାକାରପୁର, ୫।୪(ଡି.ଏନ୍.ଏ.):**

ବ୍ରାଉନସୁଗାର ପରେ ଏବେ ଗଞ୍ଜେଇ ଚାଲାଣ ବଢ଼ିବାରେ ଲାଗିଛି। ୧୬ନମ୍ବର ଜାତୀୟ ରାଜପଥ ପାଲଟିଛି ଗଳାବାଟ। ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ବିଭାଗ ଗୋଡ଼ିପଡ଼ା ଟୋଲ ଗେଟ ନିକଟରୁ ୧କୁଇଣ୍ଟାଲ ୮୦କେଜି ଗଞ୍ଜେଇ ଜବତ କରିବା ସହିତ ଏଥିରେ ବ୍ୟବହୃତ ୨ଟି କାର୍ (ଓଡି୦୨ ଏକ୍ସ ୮୧୬୦, ଓଡି୦୭ ୱାଇ ୩୭୯୯) ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଗଜପତି ଜିଲା ଅଡ଼ବା ଥାନାର ଇସମିଲ ମଣ୍ଡଳ, ରବିନ୍ଦ୍ର ରାଇତା, ଅନ୍ତରବା ଥାନା ଗୁଣିଗୁଡାର ମନୁ ଗମାଙ୍ଗ, ରମାକାନ୍ତ ରାଇତା, ଶୁମ୍ଭରା ରାଇତା ଏବଂ ଲାଜର ରାଇତା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡେପୁଟି ଅବକାରୀ ଅଧୀକ୍ଷକ ସୁମିତ୍ରା ଓରାମ କହିଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନରେ ଗଜପତି ପଟୁ ଦୁଇଟି କାର୍‌ରେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚେରା ଚାଲାଣ କରାଯାଉଥିବା ନେଇ ସୂଚନା ମିଳିଥିଲା। ଅବକାରୀ କମିଶନର ଆଶିଷ ସିଂ ଏବଂ ଜିଲାପାଳ ସଂଗ୍ରାମ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗୋଡିପଡ଼ା ଟୋଲଗେଟ ନିକଟରେ ସାଦା ପୋଷାକରେ ଛକି ରହିଥିଲେ। ପୂର୍ବରୁ ଚାଲାଣ ହେଉଥିବା କାର୍ ନମ୍ବର ସମ୍ପର୍କରେ ସୂଚନା ରହିଥିଲା। ଟୋଲଗେଟ ନିକଟରେ ଅଟକାଇ ତଦନ୍ତ ବେଳେ ଡିକିରୁ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ଇନିସ୍ପେକ୍ଟର ଭୈରବ ସାହୁ, ମୋବାଇଲ ୟୁନିଟ୍ ଇନିସ୍ପେକ୍ଟର ସସ୍ମିତା ହୋତା, ଏସ୍‌ଆଇ ବି.ମନୋଜ କୁମାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଜକର ପଞ୍ଚାୟତ ସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

**ଦିଗପହଣ୍ଡି,୫।୪(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଜକର ଗ୍ରାମ ପଞ୍ଚାୟତ ପକ୍ଷରୁ ମଙ୍ଗଳବାର ପଞ୍ଚାୟତ ସ୍ତରୀୟ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜକର ଗ୍ରାମ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆୟୋଜିତ ବୈଠକରେ ପଞ୍ଚାୟତ ସ୍ତରରେ ଚାଲିଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଜନମଙ୍ଗଳ ଯୋଜନା ଗୁଡିକର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ସରପଞ୍ଚ ରଶ୍ମିତା କୁମାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍.ନିରଞ୍ଜନ ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସମିତିସଭ୍ୟା କାମିନୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀ ଉକ୍ତ ବୈଠକରେ ଯୋଗଦେଇ ନିଜନିଜ ବିଭାଗର ବିଭିନ୍ନ ଅଭାବ ଅସୁବିଧା ଉପସ୍ଥାପନ କରିଥିଲେ। ରାମେଶ୍ୱର ପାଣିଗ୍ରାହୀ, ତ୍ରିପତୀ ପ୍ରଧାନ, ହରି ପ୍ରଧାନ, ବାରିକ ରେଡ୍ଡୀ, ଶିବରାମ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ନିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପଞ୍ଚାୟତ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା।

# ମହାମାୟୀ ମହିଳା ମହାବିଦ୍ୟାଳୟ
# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ମହାବିଦ୍ୟାଳୟ ଅଧିକାରୀ।

**ବ୍ରହ୍ମପୁର ଅଫିସ,୫।୪**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମହାମାୟୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାରଠାରୁ ଯୁକ୍ତ୨ ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଏସ୍.ନାରାୟଣ ରାଓ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଆତ୍ମସୁରକ୍ଷା ପ୍ରକଳ୍ପ ସଂଯୋଜକ ଅମ୍ରିତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣଲତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଙ୍ଗଳବାଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରରେ ଯୁକ୍ତ୨ ପାଠ୍ୟକ୍ରମର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ତାଲିମ ଗ୍ରହଣ କରିବେ। ବର୍ତ୍ତମାନ ପ୍ରଶିକ୍ଷିକ ସୁଭଦ୍ରା ଶୁକ୍ଳା, ଜସ୍ମିନ ନାଏକ, ତୃପ୍ତିରାଣୀ ନାହାକ ଓ ଭବାନୀ ମିଶ୍ର ଛାତ୍ରୀଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷିତ କରାଇବେ।

## ଜାତୀୟ ଭେଷଜ ଆୟୋଗର ଆଭାସୀ ସମୀକ୍ଷା

**ବ୍ରହ୍ମପୁର ଅଫିସ,୫।୪**

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଭେଷଜ ବିଭାଗର ପରୀକ୍ଷା ଓ ଏମ୍‌ବିବିଏସ୍‌ସିଟ ବୃଦ୍ଧିବିଷୟକୁନେଇ ଜାତୀୟ ଭେଷଜ ଆୟୋଗ (ଏନ୍‌ଏମ୍‌ସି) ପକ୍ଷରୁ ମଙ୍ଗଳବାର ସମୀକ୍ଷା କରାଯାଇଛି। ଆଭାସିରେ ଅନୁଷ୍ଠିତ ବୈଠକରେ ଆୟୋଗର ଏକାଧିକ ପ୍ରତିନିଧି ଯୋଗଦେଇଥିଲେ । ଟେଲି ମେଡିସିନ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏମ୍‌କେସିଜିର ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର, ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ରୀନା ମହାନ୍ତିଙ୍କ ସହ ଅନ୍ୟ ଡାକ୍ତର, ଅଧିକାରୀ ଉପସ୍ଥିତ ଥିଲେ । ଏମ୍‌ବିବିଏସ୍ ଭେଷଜ ବିଭାଗର ପରୀକ୍ଷା କିଭଳି ଆୟୋଜନ କରାଯାଉଛି ସେ ନେଇ ଆୟୋଗର ପ୍ରତିନିଧିମାନେ ସମୀକ୍ଷା କରିଥିଲେ । ସେହିପରି ଏହି ଭେଷଜ ମହାବିଦ୍ୟାଳୟରେ ଏମ୍‌ବିବିଏସ୍ ସିଟ୍ ୧୫୦ରୁ ୨୫୦କୁ ବୃଦ୍ଧି କରାଯାଇ ସାରିଥିଲେ ମଧ୍ୟ କରୋନା ମହାମାରୀ ଯୋଗୁ ଏହାର ଶେଷ ମୂଲ୍ୟାୟନ ହେବାକୁବାକିରହିଯାଇଛି। ଏଥିପାଇଁ ଆୟୋଗର ସଦସ୍ୟମାନେ ଆଗାମୀ ଦିନରେ ଏମ୍‌କେସିଜି ପରିଦର୍ଶନ କରିବାର ଯୋଜନା ରହିଥିବା ଅଧ୍ୟକ୍ଷ ପ୍ରଫେସର ମିଶ୍ର କହିଥିଲେ।

## ବେଲେଶ୍ୱର ପୀଠରେ ହନୁମାନ ମନ୍ଦିର ପ୍ରତିଷ୍ଠା

ଭଞ୍ଜନଗର,୫।୪(ଡି.ଏନ.ଏ)-ଓଡ଼ିଶା ପ୍ରସିଦ୍ଧ ଭଞ୍ଜନଗର ବେଲେଶ୍ୱର ପୀଠରେ ମହାବୀର ଶ୍ରୀହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ଲୋହରାଖଣ୍ଡି ନଦୀରୁ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରା କରିଥିଲେ। ବୁଧବାର ଶାଳପୂଜା, ବନଯାଗ, ଅଗ୍ନିସ୍ଥାପନ ଏବଂ ପ୍ରାସାଦ ପ୍ରତିଷ୍ଠା, ଗୁରୁବାର ଶାଳପୂଜା, ନାମ ସଙ୍କୀର୍ତ୍ତନ ଆରମ୍ଭ, ରତ୍ନମୁଦ, ମହାସ୍ନାନ ଓ ପ୍ରାଣ ପ୍ରତିଷ୍ଠା, ଶୁକ୍ରବାର ନଗର ପରିକ୍ରମା, ଅନ୍ନଯଜ୍ଞ, ସିଂହାସନ ଆରୋହଣ ଏବଂ ଅପରାହ୍ନ ସାଢ଼େ ୪ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଏଥିସହ ଉକ୍ତଦିନ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଡେକା କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି ।

# ବୋମାମାଡ଼ରେ ଗୋରୁ, ମଣିଷ ଆହତ

**ବ୍ରହ୍ମପୁର ଅଫିସ,୫।୪**

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦନଗରରେ ସୋମବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଘଟଣାସ୍ଥଳରେ ୪ଟି ବୋମା ଫୁଟିଛି। ଦୁର୍ବୃତ୍ତ ଜଣଙ୍କ ପ୍ରହଲ୍ଲାଦନଗର ରାସ୍ତା ଉପରେ ଘନ ଘନ ବୋମା ମାଡ଼ କରି ଅଞ୍ଚଳରେ ଆତଙ୍କ ଖେଳାଇଛି। ଏଥିରେ ଏକ ଗୋରୁ ସମେତ ପ୍ରହଲ୍ଲାଦନଗରର ସମୀର ଜେନା (୨୬) ଆହତ ହୋଇଛନ୍ତି। ବୋମା ଫୁଟାଇଥିବା ଅଭିଯୁକ୍ତ ତଥା ପାଣ୍ଡବନଗରର ଯୁବକ ଆଶୀର୍ବାଦ ନାୟକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।
ପ୍ରକାଶ ଯେ, ସୋମବାର ରାତିରେ ଦଣ୍ଡନାଚ ପ୍ରସାଦ ଖାଇବା ପାଇଁ ସମୀର ଓ ତାଙ୍କ ଅନ୍ୟ ୩ ଜଣ ସାଙ୍ଗ ପ୍ରହଲ୍ଲାଦନଗର ଛକରେ ଠିଆ ହୋଇଥିଲେ। ଆଶୀର୍ବାଦ ଏକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ସେ ବ୍ୟାଗରେ ଧରିଥିବା ୪ଟି ବୋମା ଲଗାତର ରାସ୍ତା ଉପରେ ଫିଙ୍ଗିଥିଲେ। ପରେ ସେ ହାତରେ ଏକ ଖଣ୍ଡା ଧରି ସେଠାରେ ଆତଙ୍କ ଖେଳାଇଥିଲେ। ପୋଲିସ ପହଞ୍ଚି ଫୁଟା ବୋମାର ଟୁକୁଡା ଜବତ କରିବା ସହ ଆହତ ଯୁବକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ସେହିପରି ଆହତ ଗୋରୁକୁ ମଧ୍ୟ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟ ପଠାଇଥିଲା। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଘଟଣା ପରେ ପୋଲିସ ଅଭିଯୁକ୍ତ ଆଶୀର୍ବାଦଙ୍କୁ ତୁରନ୍ତ ଧରିବା ପାଇଁ ତାଙ୍କ ଘରେ ଚଢାଉ କରିଥିଲା। ହେଲେ ସେ ପୋଲିସକୁ ଚକମା ଦେଇ ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କ ଘର ଭିତରୁ ପୋଲିସ ଏକ ଖଣ୍ଡା ସହ କେତେକ ମାରଣାସ୍ତ୍ର ଜବତ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ


ନବ ନିର୍ବାଚିତ କର୍ମକର୍ତ୍ତା ଉପଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି ।

ଭଞ୍ଜନଗର,୫।୪(ଡି.ଏନ.ଏ)

ଭଞ୍ଜନଗର ବାର୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ସଭାପତି ସନ୍ତୋଷ ନାୟକ, ଉପ ସଭାପତି ଭାବେ ଧିରେନ କୁମାର ସ୍ୱାଇଁ, ସମ୍ପାଦକ ଅମରେଶ ମହାପାତ୍ର, ଯୁଗ୍ମ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର,କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ, କାର୍ଯ୍ୟକାରୀ କମିଟି ସଭ୍ୟ ନିରାକର ସାହୁ, ସ୍ନିଗ୍ଧା ଦାସ ଓ ଅରୁଣ କୁମାର ପ୍ରଧାନଙ୍କୁ ନିର୍ବାଚନ ଅଧିକାରୀ ରମେଶ ପଣ୍ଡା ଶପଥ ପାଠ କରାଇଥିଲେ । ଏହାପରେ ନବ ନିର୍ବାଚିତ କର୍ମକର୍ତା ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ବାର୍ ଆସୋସିଏଶନର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ।

# ଗଞ୍ଜେଇ ଜବତ, ୨ ଗିରଫ

**ଫୁଲବାଣୀ ଅଫିସ, ୫।୪**

ପିରିଙ୍ଗିଆ ଥାନା ପୋଲିସ ବୁଢାକାମ୍ଧା ମାଣ୍ଡ୍ରିପଡ଼ା ଗାଁ ପାଖରେ ଚଢ଼ାଉ କରି ମଙ୍ଗଳବାର ଏକ ବୋଲେରୋରୁ ୮୩ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ ଜିଲ୍ଲା ଇଟାମାଟି ଗାଁର ରାମଚନ୍ଦ୍ର ବେହେରା ଓ ସାନ୍ତ ବେହେରା। ଏହିଦୁଇ ଜଣ ପେଷାଦାର ଗଞ୍ଜେଇ ଚାଲାଣକାରୀ ବୋଲି ପୋଲିସ କହିଛି। ଏ ନେଇ ନଂ.୫୨/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପିଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

# ଅନ୍ୱେଷାରେ ଡେ ସ୍କଲାର ଛାତ୍ରୀଛାତ୍ରଙ୍କୁ ମନା

## ବାଲିଗୁଡାରେ ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

**ଫୁଲବାଣୀ ଅଫିସ,୫।୪**

ସରକାରଙ୍କ ନୂତନ ନୀତି ଏବେ ଅନ୍ୱେଷା ଯୋଜନାରେ ପଢୁଥିବା ପିଲାଙ୍କ ପାଇଁ କାଳ ହୋଇଛି । ଅନ୍ୱେଷା ଯୋଜନାରେ ଡେ ସ୍କଲାର (ଦୈନିକ ଘରୁ ଯାତାୟାତ)ରେ ପଢୁଥିବା ଛାତ୍ରୀଛାତ୍ର ଏଣିକି ଅନ୍ୱେଷା ହଷ୍ଟେଲରେ ରହିବାକୁ ବାଧ୍ୟ। ନ ହେଲେ ସେମାନେ ପଢ଼ିପାରିବେ ନାହିଁ । ସେହିପରି ଯେଉଁ ବିଦ୍ୟାଳୟ ସରକାରଙ୍କ ନିୟମାବଳୀ ପୂରଣ କରିପାରୁଥିବ ସେହି ବିଦ୍ୟାଳୟକୁ ସିଓଆର ମିଳିବ। ସିଓଆର ମିଳିଥିବା ବିଦ୍ୟାଳୟରେ ହିଁ ପିଲାମାନେ ପଢ଼ିପାରିବେ। ତାହା ପୁଣି ୫୦ ଅନୁପାତ ୫୦ରେ। ତେଣୁ ସରକାରଙ୍କ ଏଭଳି କଠୋର ନୀତି ଏବେ କନ୍ଧମାଳ ଜିଲାର ବାଲିଗୁଡ଼ା ଉପଖଣ୍ଡରେ ପଢୁଥିବା ଅନ୍ୱେଷା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିବନ୍ଧକ ସାଜିଛି । ବାଲିଗୁଡାରେ ଅନ୍ୱେଷାର ହଷ୍ଟେଲ ନ ଥିବାରୁ ପିଲାମାନେ କିପରି ପଢ଼ିବେ ତାହାକୁ ନେଇ ଅଭିଭାବକ ଚିନ୍ତାରେ ପଡିଛନ୍ତି ।

ଅପରପକ୍ଷେ ସେହି ପିଲାମାନଙ୍କୁ ଫୁଲବାଣୀ ଅଣାଯାଇ ଅନ୍ୱେଷା ହଷ୍ଟେଲରେ ରଖି ପଢ଼ାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି। ହେଲେ ଏହାକୁ ବହୁ ଅଭିଭାବକ ଗ୍ରହଣ କରିପାରୁନାହାନ୍ତି। ଏତେଦୂର ଛୋଟ ପିଲାମାନଙ୍କୁ ଛାଡ଼ିବା ଲାଗି ରାଜି ହେଉନାହାନ୍ତି । ଯଦି ପିଲାମାନଙ୍କୁ ବାଲିଗୁଡ଼ାରେ ଶିକ୍ଷାଦାନ ଦିଆ ନ ଯାଏ, ତା'ହାଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଗ୍ରାମାଞ୍ଚଳର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ପିଲାମାନେ ସହରର ଇଂଲିଶ ମିଡିୟମ ସ୍କୁଲ ପିଲାଙ୍କ ସହ ସମକକ୍ଷ ହେବାକୁ ସରକାର ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ। ବାଲିଗୁଡ଼ା ବିଧାନସଭା ମଣ୍ଡଳୀର କୋଟଗଡ଼, ତୁମୁଡ଼ିବନ୍ଧ, ବାଲିଗୁଡ଼ା, କ.ନୂଆଗାଁ ବ୍ଲକର ଅନେକ ଦୁର୍ଗମ ଅଞ୍ଚଳରେ ରହୁଥିବା ୭୨ ପିଲା ବାଲିଗୁଡ଼ାରେ ସଦର ମହକୁମାର ୨ଟି ସ୍କୁଲ ସେଣ୍ଟ ଜୋନ୍ ଇଂଲିଶ ସ୍କୁଲ୍ ଓ ପାଟଖଣ୍ଡା ପବ୍ଲିକ ସ୍କୁଲରେ ପଢୁଥିଲେ। ହଷ୍ଟେଲ ନ ଥିବାରୁ ସେମାନେ ଡେ ସ୍କଲାରରେ ଆଡମିଶନ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସରକାର ନିଜସ୍ୱ ଅନ୍ୱେଷା ହଷ୍ଟେଲ ଖୋଲିଲେ। ଜିଲାର ଫୁଲବାଣୀ, ଟିକାବାଲି ଓ ଜି. ଉଦୟଗିରିଠାରେ ଛାତ୍ରାବାସ ନିର୍ମାଣ କରାଗଲା। ହେଲେ ବାଲିଗୁଡ଼ାରେ ହୋଇପାରିଲା ନାହିଁ। ଏବେ ନୂତନ ନିୟମ ଅନୁଯାୟୀ ଡେ ସ୍କଲାର ଉଠିଯାଉ ଥିବାରୁ ଏହି ପିଲାଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଏହାର ସମାଧାନ ନ ହେଲେ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଅନ୍ୱେଷା ଛାତ୍ରୀଛାତ୍ର ସଂଘର ସଭାପତି ନରେଶ ନାୟକ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରୁ ସରକାର ନିୟମ କରିଛନ୍ତି । ଆମେ ସେଥିରେ କିଛି କରିପାରିବୁ ନାହିଁ । ମୁଁ ବହୁ ଅଭିଭାବକଙ୍କ ସହ କଥା ହୋଇଛି । ସେମାନେ ତାଙ୍କ ପିଲାଙ୍କୁ ଫୁଲବାଣୀ ହଷ୍ଟେଲରେ ରଖି ପଢ଼ାଇ ପାରିବେ । ଅଧିକାଂଶ ବି ରାଜି ଅଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମୋହନା ବ୍ଲକ: ୭ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଜୋରଦାର

ଆର.ଉଦୟଗିରି, ୫।୪(ଡି.ଏନ.ଏ.)- ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଦ୍ୱିତୀୟ ଦଫାରେ ଗଜପତି ଜିଲା ମୋହନା ବ୍ଲକର ୧୭ ଉଚ୍ଚ ବିଦ୍ୟାଳୟକୁ ୫ଟିରେ ଅନ୍ତର୍ଭୁକ୍ତ କରି ଦୁର୍ଗମ ଅଞ୍ଚଳରେ ଗରିବ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଚାଲିଛି। ବିଭାଗୀୟ ଅଧିକାରୀମାନେ ଦୁର୍ଗମ ଅଞ୍ଚଳ ଗସ୍ତ କରି ବିଦ୍ୟାଳୟ କାର୍ଯ୍ୟ କରୁଥିବା ଠିକାଦାରମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ମୋହନା ବ୍ଲକର ୭ ସ୍କୁଲର ଚାନ୍ଦିପୁଟ, ଚନ୍ଦ୍ରଗିରି, ଲୁହାଗୁଡି, ଗୋବିନ୍ଦପୁର, ଅନ୍ତରବା ଏବଂ ମୋହନା ଗ୍ରାମର ସରକାରୀ ବାଳିକା ବିଦ୍ୟାଳୟ ଓ ବିମଳା ଦେବୀ ବିଦ୍ୟାଳୟରେ କାମ ଦ୍ରୁତଗତିରେ ଚାଲିଥିବା ବେଳେ ଆଉ ଅଳ୍ପଦିନ ମଧ୍ୟରେ ଜିଲା ପ୍ରଶାସନ ନିକଟରେ ହସ୍ତାନ୍ତର କରାଯିବ। ଏହାର ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ରଜତ କୁମାର ପାଢ଼ୀଙ୍କ ସହ ଅନ୍ୟ କନିଷ୍ଠ ଯନ୍ତ୍ରୀ ଗସ୍ତକରି ସରକାରୀ ନିୟମ ମୁତାବକ ବିଭିନ୍ନ ବିଦ୍ୟାଳୟରେ ରୂପାନ୍ତୀକରଣ କାର୍ଯ୍ୟ ସୂଚାରୁ ରୂପେ ଚାଲିଥିବା ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟଗୁଡିକୁ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହ ସ୍ଥାନୀୟ ବିଡିଓ ତପସ୍ୱିନୀ ହାଁସଦା ମଧ ଗସ୍ତ କରି କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ବିଦ୍ୟାଳୟ କାର୍ଯ୍ୟ ଶେଷ ହେଲେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ଏହାର ସୁଫଳ ପାଇବେ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ମଙ୍ଗଳବାର ଡିଆରଡିଏ ପିଡି ଲୋକନାଥ ଦଳବେହେରା ଚନ୍ଦ୍ରଗିରିର ୫ଟି ବିଦ୍ୟାଳୟ ପରିଦର୍ଶନ କରିବା ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ।

### ଆସ ଆମେ ସ୍କୁଲ ଯିବା ରଥ ଶୁଭାରମ୍ଭ

ବୁଗୁଡା,୫।୪(ଡି.ଏନ.ଏ.)- ଗଞ୍ଜାମ ଜିଲାପାଳ ତଥା ସମଗ୍ର ଶିକ୍ଷା ଗଞ୍ଜାମ ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ବିଇଓ ପ୍ରସନ୍ନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରୁ 'ଆସ ଆମେ ସ୍କୁଲଯିବା' ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥ ସ୍କୁଲରେ ବିଦ୍ୟାର୍ଥୀଙ୍କ ପାଇଁ ଥିବା ସମସ୍ତ ସୁବିଧା ସମ୍ପର୍କରେ ବୁଗୁଡ଼ା ଅଞ୍ଚଳରେ ସଚେତନ କରିବ। ମହାମାରୀ କରୋନା ଯୋଗୁ ବିଦ୍ୟାଳୟଗୁଡ଼ିକ ଅନେକ ଦିନ ଧରି ବନ୍ଦ ରହିଥିଲା। ସମ୍ପ୍ରତି ସଂକ୍ରମଣ କମିଥିବାରୁ ସମସ୍ତ ବିଦ୍ୟାର୍ଥୀ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯିବାକୁ ଓ ନାମଲେଖା ସମ୍ପର୍କରେ 'ଆସ ଆମେ ସ୍କୁଲଯିବା' ରଥ ସଚେତନ କରାଇବ। ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲା ବେଳେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ସମେତ ସମସ୍ତ ସିଆର୍‌ସିସି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମା' ତାରା ତାରିଣୀଙ୍କ ତୃତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା

# ୭ ହଜାରରୁ ଊର୍ଦ୍ଧ୍ୱ ଶିଶୁ ହେଲେ ମୁଣ୍ଡନ

### ସରସ୍ୱତୀ ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ

ପୁରୁଷୋତ୍ତମପୁର,୫।୪(ଡି.ଏନ.ଏ.)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟ ଦେବି ମା' ତାରା ତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳବାର ତୃତୀୟ ପାଳି ଯାତ୍ରା କରୋନା କଟକଣା ମଧ୍ୟରେ ହୋଇଛି। ମା'ଙ୍କ ମନ୍ଦିରକୁ ଫୁଲ ଓ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଛି। ରାତି ସାଢ଼େ ୧ଟାରେ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁସାରେ ଅବକାଶ ନୀତି, ମଙ୍ଗଳ ଆଳତି, ମାଜଣା ଆଦି ବିଭିନ୍ନ ପ୍ରକାରର ପୂଜାର୍ଚ୍ଚନା କରାଯାଇ ତାରା ତାରିଣୀ ଦୁଇ ଭଉଣୀଙ୍କୁ ସରସ୍ୱତୀ ବେଶରେ ସେବାୟତମାନେ ସଜ୍ଜିତ କରିଥିଲେ। ଭୋର ସାଢ଼େ ୪ଟାରେ ସାହାଣ ମେଲା ହୋଇ ମା' ତାରା ତାରିଣୀ ଦୁଇ ଭଉଣୀ ସରସ୍ୱତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସୋମବାର ସନ୍ଧ୍ୟାରୁ ମାନସିକ ଧାରୀ ଭକ୍ତମାନେ ଜିଲା ଓ ଜିଲା ବାହାରୁ ଛୋଟ ଛୋଟ ଶିଶୁମାନଙ୍କୁ ଧରି ଆସି ମୁଣ୍ଡନ ଲାଗି ଜଗି ରହିଥିଲେ। ରାତି ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥିରେ ୭,୫୯୩ ଜଣ ଶିଶୁ ମୁଣ୍ଡନ ହୋଇଛନ୍ତି। ଭକ୍ତମାନେ ଯାହାର ସୁବିଧା ପ୍ରକାରେ ପ୍ରଶାସନ ପକ୍ଷରୁ ନିୟୋଜିତ ୧୫ ସ୍ୱତନ୍ତ୍ର ବସ୍ ଓ ରୋପ ୱେ ସହ ୯୯୯ ପାହାଚ ଚଢି ପାହାଡ ଉପରକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ଏହି ପାଳିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ରାଜସ୍ୱ ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ ମା'ଙ୍କ ଦର୍ଶନ କରିଛନ୍ତି। ପୁରୁଷୋତ୍ତମପୁର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ତହସିଲଦାର ନିତିଶ କୁମାର ତ୍ରିପାଠୀ, ବିଡିଓ ବିଜୟ କୁମାର ବେହେରା, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ତପନ କୁମାର ରଣା, ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ। ପୋଲିସ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ ରହି ଆଇନ ସୃଙ୍ଖଳା ଓ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିଥିଲେ।


ମା' ତାରାତାରିଣୀଙ୍କ ସରସ୍ୱତୀ ବେଶ।

## ତାରାତାରିଣୀଙ୍କ ଯାତ୍ରାରେ ଛତ୍ରପୁର ସ୍ୱେଚ୍ଛାସେବୀ ଦଳ

ଛତ୍ରପୁର,୫।୪(ଡି.ଏନ.ଏ.)

ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରାରେ ଛତ୍ରପୁର ଏସଡିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଛତ୍ରପୁରର ୬୦ଜଣ ଯୁବ ସ୍ୱେଚ୍ଛାସେବୀ ବିଭିନ୍ନ ସେବା କାର୍ଯ୍ୟ କରୁଛନ୍ତି। ସେମାନେ ମା'ଙ୍କ ଯାତ୍ରାରେ ହୋଇଥିବା ଭିଡକୁ ସମ୍ଭାଳିବାକୁ ଆଗେଇ ଆସଛନ୍ତି। ପୂର୍ବରୁ ଧାର୍ଯ୍ୟ ହୋଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ଏହି ଯୁବକମାନେ ଭୋର ୪ଟାରେ ମନ୍ଦିରରେ ପହଞ୍ଚିଥିଲେ। ସେମାନେ ଲୋକଙ୍କୁ ଧାଡିରେ ଛିଡା କରାଇବା, ଶୃଙ୍ଖଳିତ ଦର୍ଶନ କରାଇବା, ଅସହାୟ ତଥା ଦିବ୍ୟାଙ୍ଗମାନଙ୍କୁ ମା'ଙ୍କ ଦର୍ଶନ କରାଇବା ଭଳି କାର୍ଯ୍ୟ ସମ୍ପାଦନ କରିଥିଲେ। ଯାତ୍ରାରେ ହଜିଯାଇଥିବା ଜଗନ୍ନାଥପୁରର ୬ ବର୍ଷର ଝିଅ ଆୟେଷୁ ରେଡ୍ଡୀଙ୍କୁ ଖୋଜି ତାଙ୍କ ମା'ଙ୍କୁ ଫେରାଇବାରୁ ପ୍ରଶଂସା ସାଉଁଟିଥିଲେ। ଭାଷାଗତ ଅସୁବିଧା ଥିବା ସତ୍ତ୍ୱେ ଛତ୍ରପୁରର ସ୍ୱେଚ୍ଛାସେବୀ ଏସ ରବି, ଶ୍ରୀନୁ, କୈଳାସ ରେଡ୍ଡୀ ଓ ଉଗେଶଙ୍କ ସହଯୋଗରେ ପିଲାଟିକୁ ଖୋଜି ତାଙ୍କ ମା'ଙ୍କୁ ଫେରାଇବାକୁ ନେଇ ପ୍ରଶାସନ ତଥା ପୋଲିସ ବିଭାଗ ପକ୍ଷରୁ ଯୁବକମାନଙ୍କୁ ବିଶେଷ ପ୍ରଶଂସା କରାଯାଇଛି। ସେବା କାର୍ଯ୍ୟ ଏସ. ରାମକୃଷ୍ଣ, ଏନ କାମରାଜୁ, ମହେଶ, ଚିନା, ଚନ୍ଦୁ ଆଦି ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ।


ସେବା କରାଯାଉଛି।

### ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୫।୪(ଡି.ଏନ.ଏ.)

ଶିକ୍ଷା ସଚେତନତା ରଥ ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କରୋଶ ସେଠୀ ଯୋଗଦେଇଥିଲେ। ଏହି ସଚେତନତା ଅଭିଯାନ ଚାରିଦିନ ବ୍ୟାପୀ ଚାଲିବ। ବ୍ଲକର ୨୫ ପଞ୍ଚାୟତକୁ ପରିକ୍ରମା କରିବ। କରୋନା ଯୋଗୁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏହି ସମୟରେ ଛାତ୍ରୀଛାତ୍ରମାନଙ୍କୁ ଯେଉଁ ଅନ୍‌ଲାଇନ୍ ଶିକ୍ଷା ଦିଆଯାଉଥିଲା ତାହା ଫଳପ୍ରଦ ହୋଇପାରୁ ନ ଥିଲା। ସେଥିପାଇଁ ଛାତ୍ରମାନଙ୍କୁ ବିଦ୍ୟାଳୟମୁହାଁ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜିତ ସଭାରେ ବକ୍ତାମାନେ ଆଲୋଚନା କରିଥିଲେ। ଏ କ୍ଷେତ୍ରରେ ଅଭିଭାବକ ଓ ଜନସାଧାରଣ କ୍ରମାଗତ ଭାବେ ସହଯୋଗ କଲେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ଅବସ୍ଥାକୁ ଆସିପାରିବ ବୋଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କରୋଶ ସେଠୀ ଓ ଉପସ୍ଥିତ ବକ୍ତାମାନେ ନିବେଦନ କରିଥିଲେ। ଏବିଇଓ ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ବିଆର୍‌ଟି ସୁଶାନ୍ତ ପ୍ରଧାନଙ୍କ ସମେତ ସମସ୍ତ ସିଆର୍‌ସିସି ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ରହି ସଚେତନତା ରଥକୁ ସ୍ୱାଗତ କରିଥିଲେ।

### ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ବୁଗୁଡ଼ା, ୫।୪(ଡି.ଏନ.ଏ.)

ବୁଗୁଡ଼ା ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ୱପରିସରରେ ଆତ୍ମସୁରକ୍ଷା ତାଲିମ୍ ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ତନ୍ମୟ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଯୋଗଦେଇଥିଲେ। ଉକ୍ତ ଶିବିରରେ ୧୮୭ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ଦିବ୍ୟାନୀ ସାହୁ, ପୂଜା ପ୍ରଧାନ ଓ ରଚନା ସାହୁ ପ୍ରମୁଖ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସେହିପରି ବୁଗୁଡା ପିପୁଲ୍‌ସ କଲେଜରେ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରଜନୀ କାନ୍ତ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବୁଗୁଡା ପଞ୍ଚାୟତ ସମିତି ଅଧକ୍ଷା କେ. ପ୍ରିୟଦର୍ଶନୀ ଆଚାରି ଯୋଗଦେଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ପରୀକ୍ଷା ବେଳେ ବିଦ୍ୟୁତ୍ କାଟ୍

### ବଢୁଛି ତାପମାତ୍ରା, ଖୋଲିନି ଜଳଛତ୍ର

ଭଞ୍ଜନଗର,୫।୪(ଡି.ଏନ.ଏ)

ଭଞ୍ଜନଗର ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଲୋକେ ମଧ୍ୟାହ୍ନ ୧୨ଟା ହେଲେ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ନଦୀ, ପୋଖରୀ, କୂଅଗୁଡ଼ିକର ଜଳସ୍ତର ଧୀରେ ଧୀରେ କମୁଛି। ତେବେ ଭଞ୍ଜନଗର ଜଳଭଣ୍ଡାରରେ ଆବଶ୍ୟକଠାରୁ ଅଧିକ ପାଣି ମହଜୁଦ୍ ରହିଥିବାରୁ ବର୍ତ୍ତମାନ ସେଭଳି ପାନୀୟ ଜଳ ସମସ୍ୟା ଦେଖାଦେଇନାହିଁ । ହେଲେ ଖରା ଯୋଗୁ ରାସ୍ତା ଘାଟରେ ଜଳଛତ୍ର ଖୋଲିବା ଜରୁରୀ ହୋଇପଡ଼ିଛି । ଭଞ୍ଜନଗର ଏନଏସି ଏବଂ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇନାହିଁ । ପ୍ରଶାସନ ଜଳଛତ୍ର ଖୋଲିବା ବ୍ୟବସ୍ଥା କରିବା ଆବଶ୍ୟକତା ରହିଛି । ସେପଟେ ଯୁକ୍ତ ୩ ପଞ୍ଚମ ସେମିଷ୍ଟାର ପରୀକ୍ଷା ସହ ଯୁକ୍ତ୨ ଦ୍ୱିତୀୟ ବର୍ଷ ପ୍ରାକ୍ଟିକାଲ ପରୀକ୍ଷା ମଧ୍ୟ ଆରମ୍ଭ ହୋଇଯାଇଛି । ପରୀକ୍ଷା ସମୟରେ ଗତ କିଛିଦିନ ହେବ ବାରମ୍ବାର ପାୱାର କଟ୍ ହେଉଥିବାରୁ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅପରପକ୍ଷେ ଟାଟା ପାୱାର ପକ୍ଷରୁ କୁହାଯାଇଛି, ଆଗକୁ ଆହୁରି ତାପମାତ୍ରା ବଢ଼ିବ। ତେଣୁ ବିଦ୍ୟୁତ୍ ବିଭ୍ରାଟ ବଢ଼ିବା ଆଶଙ୍କା ରହିଛି । ଏହାକୁ କିଭଳି ରୋକାଯାଇ ନିୟମିତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ସେହି ଲକ୍ଷ୍ୟ ନେଇ କିଛି ସମୟ ପାଇଁ ମରାମତି କରାଯାଉଛି । ତେଣୁ ବିଦ୍ୟୁତ୍ କାଟ ହେଉଛି। ଆଗକୁ ଏହି ସମସ୍ୟା ରହିବନି।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟିଲେ ନବନିର୍ବାଚିତ ପ୍ରତିନିଧି

ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.)

ବିଶିଷ୍ଟ ଶିଳ୍ପପତି ତଥା ବିଜେଡି ନେତା ଡ.ତିରୁପତି ପାଣିଗ୍ରାହୀ ଓ ଯୁବ ନେତା ଇଂ.ରୂପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଜପତି ଜିଲାର ନବ ନିର୍ବାଚିତ ଜନ ପ୍ରତିନିଧିମାନେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକଙ୍କୁ ସୋମବାର ଭୁବନେଶ୍ୱରଠାରେ ସାକ୍ଷାତ କରିଛନ୍ତି। ଏହି ଜନ ପ୍ରତିନିଧିଙ୍କ ମଧ୍ୟରେ ଜିଲାପରିଷଦ ଅଧକ୍ଷ ଜି.ତିରୁପତି, ଉପାଧ୍ୟକ୍ଷ ସକୁନ୍ତଳା ମଲ୍ଲିକ, ପାରଳାଖେମୁଣ୍ଡି ପୌରଅଧକ୍ଷା ନିର୍ମଳା ସେଠୀ, କାଶୀନଗର ଏନ୍‌ଏସି ଅଧକ୍ଷା ଏମ୍.ସୁଧାରାଣୀ ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ୭ ବ୍ଲକର ବିଜେଡି ସମର୍ଥିତ ଅଧକ୍ଷ/ଅଧକ୍ଷା ଉପସ୍ଥିତ ଥିଲେ। ମନ୍ତ୍ରୀ ଜେନା ଜିଲାର ଏହି ନବନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଗୁଡିକୁ ଘରେ ଘରେ ପହଞ୍ଚାଇ ଅଞ୍ଚଳର ବିକାଶ ଏବଂ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ଜେନା, ପର୍ଯ୍ୟବେକ୍ଷକ ନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଅଞ୍ଚଳର ବିକାଶ ଦିଗରେ ଶତପ୍ରତିଶତ କାର୍ଯ୍ୟକରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

### କନ୍ଧମାଳରେ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ

ବାଲିଗୁଡ଼ା,୫।୪:(ଡି.ଏନ.ଏ.)

କନ୍ଧମାଳରେ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। କରୋନା କଟକଣା ଯୋଗୁ ଗତ ଦୁଇ ବର୍ଷ ଦଣ୍ଡଯାତ୍ରା ହୋଇପାରିନଥିଲା। ବର୍ତ୍ତମାନ ଦଣ୍ଡଯାତ୍ରା ହେଉଥିବାରୁ ଭକ୍ତ ଓ ଗ୍ରାମବାସୀ ସମସ୍ତଙ୍କ ମନରେ ବେଶ ଖୁସି ପରିଲକ୍ଷିତ ହେଉଛି । କନ୍ଧମାଳର ପ୍ରସିଦ୍ଧ ଦଣ୍ଡଯାତ୍ରା ଏପ୍ରିଲ ୧ରୁ ଆରମ୍ଭ ହୋଇଛି। ମେରୁ ଯାତ୍ରା ପରେ ପଣା ସଂକ୍ରାନ୍ତି ଦିନ ଏହି ଯାତ୍ରା ଶେଷହେବ । ଗତ ଶୁକ୍ରବାର ରାତିରେ ଗାଁ ପୋଖରୀରେ ମାନସିକଧାରୀ ଦଣ୍ଡୁଆମାନେ ନିର୍ଜଳା ଉପବାସ ରହିଥିଲେ। ପାଟଭୋକତା ସମେତ ଅନ୍ୟାନ୍ୟ ଭକ୍ତଗଣ ବ୍ରହ୍ମଅଗ୍ନି ନିମନ୍ତେ ଦକ୍ଷିଣକାଳୀଙ୍କୁ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ମା' ରାତି ଆଠଟା ପନ୍ଦର ମିନିଟରେ ଆର୍ବିଭାବ ହୋଇଥିଲେ। ପାଟଢୋଲ ପାଣି ଢୋଲ ଘଣ୍ଟ କାହାଳି ମହୁରୀ ଓ ହୁଳହୁଳି ଶବ୍ଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଦିନ ଦ୍ୱିପ୍ରହରରେ ଧୂଳିଦଣ୍ଡରେ ପାଣିଦଣ୍ଡ ଏବଂ ରାତିରେ ଝୁଣାଦଣ୍ଡ ବା ଅଗ୍ନିଦଣ୍ଡ ଅନୁଷ୍ଠିତ ହୁଏ।

## ଏନ୍‌ଏସି ଉପାଧକ୍ଷ ପଦବୀ, ଆଶାୟୀ ୩

କାଶୀନଗର, ୫।୪

ଗଜପତିର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ମହିଳା ବିଜେଡିର ଏମ. ସୁଧାରାଣୀ ନିର୍ବାଚିତ ହୋଇଛନ୍ତି। ଆସନ୍ତା ୭ରେ ଉପାଧକ୍ଷ ନିର୍ବାଚନ। ଉପାଧକ୍ଷ ଜଣେ ପୁରୁଷ ହେବା ନିୟମ ରହିଛି। ତେଣୁ ଏଠାରେ ତିନିଜଣ ଦାବିଦାର ଅଛନ୍ତି। ପୁରୁଣା କଂଗ୍ରେସ ନେତା କେ. ଜୀବରତ୍ନ ବର୍ତ୍ତମାନ ବିଜେଡିରେ ଲଗାତର କାଉନସିଲର ଭାବେ ବିଜୟୀ ହୋଇ ଆସୁଛନ୍ତି। ତେଣୁ ସେ ଉପାଧକ୍ଷ ହେବାର ଚର୍ଚ୍ଚା ହେଉଛି। ପୂର୍ବରୁ ବିଜେଡି ସଙ୍ଗଠନ ସହ ଜଡ଼ିତ ଯୁବନେତା ତଥା ନଗର ସଭାପତି ରଘୁରାମ ସାହୁଙ୍କୁ ଦଳ ତରଫରୁ ଉପାଧକ୍ଷ ନିମନ୍ତେ ହାଇକମାଣ୍ଡ ନିଷ୍ପତ୍ତି ନେଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଜଣେ ଜନସେବକ, ବୟସ୍କ, ଅଭିଜ୍ଞ ବିଜେଡିର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କାଉନ୍‌ସିଲର ହେଲେ କେ. ରାମାରାଓ। ପ୍ରକାଶଥାଉ କି ବିଜେଡିର ଏଠାରେ ସଂଖ୍ୟାଗରିଷ୍ଠ ରହିଛି। ଏଠାରେ ପନ୍ଦରା ସମ୍ପ୍ରଦାୟର ଦୁଇଜଣ ମହିଳା କାଉନ୍‌ସିଲର ନିର୍ବାଚିତ ହୋଇଛନ୍ତି। ତେଣୁ ସେମାନେ ମଧ ଦାବିଦାର ଅଟନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର

ଧରାକୋଟ/ଜି.ଉଦୟଗିରି,୫।୪(ଡି.ଏନ୍.ଏ.)

ଧରାକୋଟସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ, ମୁଖ୍ୟଅତିଥି ଭାବେ ଧରାକୋଟ ଥାନାଧିକାରୀ ଉମାକାନ୍ତ ସାହୁ ଯୋଗଦେଇ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷାର ଆବଶ୍ୟକତା ନେଇ ଉପସ୍ଥିତ ଥିବା ୬୮ ଛାତ୍ରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବଳରାମ ସ୍ୱାଇଁ ମହିଳାଙ୍କୁ ବର୍ତ୍ତମାନ ସ୍ଥିତିରେ ନିଜେ ନିଜର ସୁରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା କ୍ଷିରାବଧି ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଏହି କାର୍ଯ୍ୟକ୍ରମ ୫ ତାରିଖଠାରୁ ୧୨ ପର୍ଯ୍ୟନ୍ତ ଚାଲିବା ସହ ବିଭିନ୍ନ ପ୍ରକାର ରଣ କୌଶଳ ବିଷୟରେ ଛାତ୍ରୀଙ୍କୁ କହିଥିଲେ। ଶିବିରରେ ମାଷ୍ଟର, ଟ୍ରେନର ସୁଲଗାନା ରାଉତ ତାଲିମ ଦେଇଥିଲେ। ଅଧ୍ୟାପକ ଲଡୁ ବେହେରା, ଅଧ୍ୟାପିକା ରାଜଶ୍ରୀ ବେହେରା, ଗୋପାଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଜି.ଉଦୟଗିର କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆତ୍ମ ସୁରକ୍ଷା କୌଶଳ ତାଲିମର ଉଦ୍‌ଘାଟନ ଅବସରରେ ଅଧକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ କରିଥିଲେ। ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ନିଶିକଳା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଆତ୍ମ ସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଅନୀତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ପୌରପରିଷଦର ୧୨ନମ୍ବର ୱାର୍ଡଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମନ୍ଦିର ପ୍ରତିଷ୍ଠା କମିଟି ସୂତ୍ରରୁ ପ୍ରକାଶ । ଏହି ଅବସରରେ ଦୀକ୍ଷା ଗ୍ରହଣ, ଅଙ୍କରାରୋପଣ, ମଣ୍ଡଳ ବିନ୍ୟାସ ଆଦି ପୂଜାର୍ଚ୍ଚନା ହୋଇଥିଲା ।

## ଆର୍. ଉଦୟଗିରି ପଞ୍ଚାୟତ ସମିତି ବୈଠକ

ଆର.ଉଦୟଗିରି,୫।୪

(ଡି.ଏନ.ଏ.)-ଆର୍. ଉଦୟଗିରି ପଞ୍ଚାୟତ ସମିତି ବୈଠକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ଓ ନବ ନିର୍ବାଚିତ ଅଧକ୍ଷ, ଉପାଧକ୍ଷା, ଆର.ଉଦୟଗିରି ଓ ରାମଗିରି ଜୋନର ଜିଲାପରିଷଦ ସଭ୍ୟାଙ୍କ ସହ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ପରେ ବୈଠକରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇଥିଲା।

ବିଧାୟକ ଗମାଙ୍ଗ ଗ୍ରାମଗୁଡ଼ିକରେ ଥିବା ପାଣି ସମସ୍ୟା ତୁରନ୍ତ ବ୍ଲକ ପ୍ରଶାସନ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରକୃତ ହିତାଧିକାରୀଙ୍କୁ ଇନ୍ଦିରା ଆବାସ ଯୋଗାଇ ଦେବାକୁ କହିଥିଲେ। ଆରଡି ବିଭାଗ ଦ୍ୱାରା ହେଉଥିବା କାମଗୁଡିକୁ କାହିଁକି ବନ୍ଦ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ବନ୍ଦ ହୋଇଥିବା କାମଗୁଡିକୁ ତୁରନ୍ତ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାମଗିରି ଜିଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ପୁରୁଣାପାଣି ଓ ଶିଆଳିଲଟି ଅଞ୍ଚଳର ବିଭିନ୍ନ ଗ୍ରାମରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ। ପୁରୁଣାପାଣି ସରପଞ୍ଚ ହିତାଧିକାରୀଙ୍କୁ ରାଶନକାର୍ଡ, ମହେନ୍ଦ୍ରଗଡ ସମିତିସଭ୍ୟ ତାଙ୍କ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ଦେବାକୁ ଦାବି କରିଥିଲେ। ସେହିପରି ସୁଣ୍ଡୁରବା ସମିତିସଭ୍ୟ ସେଠାକାର କନ୍ୟାଶ୍ରମ ବିଦ୍ୟାଳୟରେ ଦୀର୍ଘଦିନ ଧରି ପାଣି ନ ଥିବାରୁ ବହୁ ଅସୁବିଧା ହେଉଥିବା କହିଥିଲେ। ନଚେତ ଆଗାମୀ ଦିନରେ ରାସ୍ତାରୋକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବୈଠକରେ ଆରଡି ଓ ପିଡବ୍ଲୁଡ଼ି ବିଭାଗ ଅଧିକାରୀମାନେ ଯୋଗଦେଇନଥିବା ଯୋଗୁଁ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ନାରାୟଣ ବେହେରା, ବ୍ଲକ ଉପାଧକ୍ଷା ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ଜିଲାପରିଷଦ ସଭ୍ୟା ଯମୁନା ବେହେରଦଳେଇ, ଦଣ୍ଡପାଣି ବଡମୁଣ୍ଡି, ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ଦଳେଇ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ବି.ଶାନ୍ତନୁ କୁମାର ଯୋଗଦେଇଥିଲେ। ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ବି.ସାନ୍ତନୁ କୁମାର ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଅତିଥି।

## ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ

ଫୁଲବାଣୀ ଅଫିସ, ୫।୪

ଜିଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି ଏଥିରେ ଅଧକ୍ଷତା କରିଥିଲେ । ତାଲିମ ପାଉଥିବା ଛାତ୍ରୀଛାତ୍ରମାନଙ୍କର କ୍ରେଡିଟ୍ ଲିଙ୍କେଜ୍‌କୁ ଗୁରୁତ୍ୱ ଦେବା ସହିତ ତାଲିମ ପରେ ସେମାନଙ୍କ ନାମରେ ଲୋନ୍ ଆକାଉଣ୍ଟ ଖୋଲିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହିତ ମଧ ଯୋଗାଯୋଗ କରିବାକୁ କହିଥିଲେ। ଯୁବତୀମାନଙ୍କୁ ଡ୍ରାଇଭିଙ୍ଗ୍ ଟ୍ରେନିଂ ଦେବା ବ୍ୟବସ୍ଥା କରିବା ସହିତ ପାଇପ୍ ମିସ୍ତ୍ରୀ ତାଲିମ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କାରଣ ଏହି ଜିଲାରେ ପ୍ରାୟ ୨୦୦ ବାଳିକା ଛାତ୍ରୀ ନିବାସ ରହିଛି। ସେମାନଙ୍କୁ ଜିଲା ଭିତରେ ହିଁ କାମ ମିଳିପାରିବ। ପୌରପରିଷଦ ମାଧ୍ୟମରେ ଆସିଥିବା ଆବେଦନ ପତ୍ରକୁ ବିଚାରକୁ ନେଇ ତାଲିମ ପ୍ରଦାନ କଲେ ସହରାଞ୍ଚଳର ବେକାର ଯୁବତୀ ଯୁବକମାନେ ମଧ ରୋଜଗାରକ୍ଷମ ହୋଇପାରିବେ ବୋଲି ଜିଲାପାଳ କହିଥିଲେ। ସେହିପରି ଆବଶ୍ୟକତାକୁ ଦୃଷ୍ଟିରେ ରଖି ତାଲିମ ପ୍ରଦାନ କଲେ ସେମାନେ ନିଯୁକ୍ତି ପାଇପାରିବେ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ କହିଥିଲେ।

ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଚନ୍ଦ୍ରଶେଖର ପ୍ରଧାନ ବୈଠକରେ ବିବରଣୀ ପ୍ରଦାନ କରି ଗତବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଅଗରବତୀ ଓ ମହମ ବତୀ ତିଆରି, ପାମ୍ପଡ଼, ଆଚାର ଓ ମସଲା ତିଆରି, ମହିଳା ଟେଲର ତାଲିମ, ହାଲୁକା ଯାନ ଚାଳନା ଏବଂ ଛତୁ ଚାଷ ଆଦି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ୨୭୬ ଜଣଙ୍କୁ ଆତ୍ମ ନିଯୁକ୍ତି ତାଲିମ ପ୍ରଦାନ କରାଯାଇଛି। ଏମାନେ ସମସ୍ତେ ଜାତୀୟ ଗ୍ରାମୀଣ ଜିବିକା ମିଶନ ତରଫରୁ ମନୋନୀତ ହୋଇଥିଲେ। ଏଥିପାଇଁ ଖାଦ୍ୟ, କିଟ୍ ଓ ପାରିତୋଷିକ ବାବଦକୁ ୮ଲକ୍ଷ ୫୨ହଜାର ୫୪୦ ଟଙ୍କା ବ୍ୟୟ କରାଯାଇଛି। ଏହା ବ୍ୟତିତ ବିଦ୍ୟୁତ୍, ଟେଲିଫୋନ୍, ଟ୍ରାଭେଲିଂ, ଷ୍ଟେସନାରି, ମରାମତି, ବହିପତ୍ର ଓ ଅନ୍ୟାନ୍ୟ ବାବଦରେ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ୫ ଲକ୍ଷ ୭୫ ହଜାର ୨୬୦ ଟଙ୍କା ବ୍ୟୟ କରାଯାଇଛି। ଦରମା ଓ ସେବାକର ବାବଦରେ ୩ଲକ୍ଷ ୯୮ହଜାର ୯୭ ଟଙ୍କା ବ୍ୟୟ କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ତାଲିମ ପାଇଥିବା ଯୁବତୀ ଯୁବକମାନଙ୍କ ମଧ୍ୟରୁ ୧୧୦ ପ୍ରତିଶତ ଆତ୍ମ ନିଯୁକ୍ତି ପାଇଥିବାବେଳେ କରୋନା ଯୋଗୁ ମାତ୍ର ୫୩ ପ୍ରତିଶତ ବ୍ୟାଙ୍କ ଋଣ ନେଇଛନ୍ତି ବୋଲି କହିଥିଲେ । ୨୦୨୨-୨୩ ଆର୍ଥିକ ବର୍ଷରେ ପନିପରିବା, ନର୍ସରୀ ପରିଚାଳନା ଓ ଚାଷ, ଛେଳି ପାଳନ, ସେଲ୍‌ଫୋନ୍ ମରାମତି ଓ ସର୍ଭିସ୍, ଛତୁ ଚାଷ, ବିଉଟି ପାର୍ଲର ପରିଚାଳନା, ହାଲୁକା ଯାନ ଚାଳନା, ୱେଲ୍ଡିଙ୍ଗ୍ ଓ ଫେବ୍ରିକେସନ୍, ଆକାଉଣ୍ଟ ଆଦି ୨୦ ତାଲିମ ଦିଆଯିବ ବୋଲି ସୂଚନା ଦେଇଥିଲେ। ଅନୁଷ୍ଠିତ ସମୀକ୍ଷା ବୈଠକରେ ନାବାର୍ଡର ଏ.ଜି.ଏମ୍. ସୀବ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

